# Akashvani, Sambalpur

## SAMBALPURI NEWS EVENING BULLETIN

## 17 july 2026-7.02- 7.12 pm.

---

୧- ରଥଯାତ୍ରାର୍ ୨ ନମ୍ବର୍ ଦିନେ ଆଏଜ୍ ଶରଧାବାଲି ନ ପହଁଚିଲା ତିନ୍‌ହି ରଥ ।

- ଆଏବା କାଏଲ୍ ହେବା ଆଡ଼ପ ମଣ୍ଡପ ବିଜେ ନୀତି ।

୨- ଅମୃତ୍ ଭାରତ୍ ଷ୍ଟେସନ୍ ଯୋଜ୍‌ନାଥି ଓଡ଼ିଶାର୍ ୭ ଟା ସହେତେ ଦେଶର୍ ୭୫ ରେଲ୍‌ଷ୍ଟେସନ୍‌ର ଲୋକାର୍ପଣ୍ କଲେ ପ୍ରଧାନ୍‌ମନ୍ତ୍ରୀ ।

୩- ଏସ୍‌ଏଚ୍‌ଜି ମାନ୍‌କର୍ ତର୍‌ଫୁ ପରିଚାଲିତ୍ କୃଷି ଉଦ୍ୟୋଗ୍‌କେ ଅଏତ୍‌କା ବର୍‌କସ୍ କର୍‌ବାର୍ ଲକ୍ଷ୍ୟଥି ସ୍ୱାକ୍ଷରିତ୍ ହେଲା ବୁଝାମଣାପତ୍ର ।

ଆଉର୍

୩- ଲଘୁଚାପ୍‌ର ପ୍ରଭାବ୍‌ଥି ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ଜବର୍ ବର୍ଷାକେ ନେଇକରି ସତର୍କ ସୂଚ୍‌ନା ଜାରି କଲା ପାଣିପାଗ୍ କେନ୍ଦ୍ର ।

ରଥଯାତ୍ରା ପୁରୀ ସମ୍ବାଦଦାତା

ଶ୍ରୀକ୍ଷେତ୍ର ପୁରୀ ନ ପ୍ରଭୁ ଶ୍ରୀବଳଭଦ୍ରଙ୍କ ତାଳଧ୍ୱଜ ରଥ, ଦେବୀ ସୁଭଦ୍ରାଙ୍କର୍ ଦର୍ପଦଳନ ରଥ, ଆଉ ଶ୍ରୀ ଜଗନ୍ନାଥଙ୍କର୍ ନନ୍ଦିଘୋଷ ରଥ ଆଏଜ୍ ବେଲ୍‌ବୁଡ଼ାତକ୍ ଶ୍ରୀ ଗୁଣ୍ଡିଚା ମନ୍ଦିର୍ ପାଶେ ଶରଧାବାଲି ନ ପୁହୁଁଚିସାରିଛେ । ଗଲାକାଏଲ୍ ତିନ୍‌ହି ରଥ ଶ୍ରୀଗୁଣ୍ଡିଚା ମନ୍ଦିର୍ ପୁହୁଁଚି ନାଇଁ ପାରିଥିବାର୍‌ନୁ ଆଏଜ୍ ସଖାଲର୍ ସାଢ଼େ ୯ ବଜେ ଫେର୍‌ଘାଏ ରଥଘିଚା ମୁଲ୍ ହେଇଥିଲା । ଆଏଜ୍ ୨ ନମ୍ବର୍ ଦିନେ ଲାଖ୍ ଲାଖ୍ ଶ୍ରଦ୍ଧାଳୁମାନ୍‌କର୍ ଭିତ୍‌ରେ ରଥ ଘିଚା କାମ୍ କରାଯାଇଥିଲା । ଘଂଟଘଂଟା, ହରିବୋଲ୍, ହୁଲ୍‌ହୁଲି ଆଉ ଜୟ ଜଗନ୍ନାଥ ଧୁନ୍‌ଥି ସାରା ବଡ଼ଦାଣ୍ଡ ଉଛ୍‌ଲିପଡୁଛେ । ଆଏଜ୍ ରଥ ଉପ୍‌ରେ ମାହାପୁରୁମାନେ ପୂର୍ଣ୍ଣାଙ୍ଗ ଦର୍ଶନ୍ ଦେବେ । ଆଏବା କାଏଲ୍

ମାହାପୁରୁମାନ୍‌କର୍ ଆଡ଼ପ ବିଜେ ନୀତି କରାଯିବା । ରଥ ଘିଚା ସହେତେ ରଥଯାତ୍ରାର୍ ସବୁ ନୀତିକାନ୍ତି ସୁରୁଖୁରୁଥି ହେଇଛେ ବଲି ମୁଖ୍ୟମନ୍ତ୍ରୀଙ୍କର୍ କାର୍ଯ୍ୟାଳୟ ତରଫୁ କୁହାଯାଇଛେ ।

ପିଏମ୍-ଅମୃତ୍ ଭାରତ୍ ଷ୍ଟେସନ୍      ଆର୍‌ଏନ୍‌ୟୁ/ କଟକ୍

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏଜ୍ ଅମୃତ୍ ଭାରତ୍ ଷ୍ଟେସନ୍ ଯୋଜ୍‌ନାଥି ଫେର୍‌ଘାଏ ବିକଶିତ୍ ହେଇଥିବା ଦେଶେ ୭୫ ଟା ରେଲ୍‌ଷ୍ଟେସନକେ ଲୋକାର୍ପଣ୍ କରିଛନ୍ । ଇତାର୍ ଭିତ୍‌ରେ ଓଡ଼ିଶାର୍ ୭ ଟା ରେଲ୍‌ଷ୍ଟେସନ୍ -ବଲାଙ୍ଗିର୍, ବର୍‌ପାଲି, କେସିଙ୍ଗା, ତାଲ୍‌ଚେର୍, ବାରିପଦା, ବିମଳଗଡ଼୍ ଆଉ ପାରଳାଖେମୁଣ୍ଡି ରହିଛେ । ଇ ୭ ଟା ଷ୍ଟେସନ୍‌କେ ବିକଶିତ୍ କର୍‌ବାର୍ ଲାଗି ଶହେ ୯ କୋଟି ଟଙ୍କା ଖର୍ଚ୍ଚା କରାଯାଇଛେ । ପ୍ରଧାନ୍‌ମନ୍ତ୍ରୀ ପଞ୍ଜାବ୍‌ର ଜଲନ୍ଧର୍ ଠାନେ ଗୁଟେ ଖାସ୍ କାର୍ଯ୍ୟକ୍ରମ୍‌ଥି ଆଭାସୀ ଜରିଏ ଷ୍ଟେସନ୍ ମାନ୍‌କର୍ ଉଦ୍‌ଘାଟନ୍ କରିଛନ୍ । ଯାତ୍ରୀମାନ୍‌କର୍ ସୁବିଧା ଲାଗି ନୂଆଁ ଷ୍ଟେସନ୍ ଭବନ୍ ତିଆର୍ ସହେତେ ଗାଡ଼ି ଚଲାଚଲ୍ ନିୟନ୍ତ୍ରଣ୍

ଲାଗି ପ୍ରବେଶ୍ ପଥକେ ପ୍ରଶସ୍ତ କରାଯାଉଛେ । ଆରାମ୍‌ଦାୟକ୍ ଯାତ୍ରା ଲାଗି ପ୍ଲାଟ୍‌ଫର୍ମ ମାନ୍‌କେ ଉନ୍ନତ୍ ଆଶ୍ରୟସ୍ଥଳୀ, ଅତ୍ୟାଧୁନିକ୍ ଅପେକ୍ଷାଗୃହ, ସ୍ୱଚ୍ଛ ଶୌଚାଳୟ ଆଉ ଡିଜିଟାଲ୍ ଯାତ୍ରୀ ସୂଚନା ଫଳକ ଲଗାଯାଇଛେ । ଫି' ଷ୍ଟେସନ୍ ନ ଓଡ଼ିଶାର୍ ସମୃଦ୍ଧ ସଂସ୍କୃତି, ହସ୍ତତନ୍ତ ପାରମ୍ପାରିକ୍ ଶିଳ୍ପ ଆଉ ଆଦିବାସୀ କଳାକେ ଠାନ୍ ଦିଆଯାଇଛେ । ଇ ୭ ଟା ଷ୍ଟେସନ୍‌ର ପୁନର୍ବିକାଶ୍ ଭାରତୀୟ ରେଲ୍‌ବାଇର୍ ଓଡ଼ିଶାର୍ ସାମଗ୍ରିକ୍, ସାମାଜିକ୍, ଅର୍ଥନୈତିକ୍ ବିକାଶ୍‌ଥି ମାଇଲ୍‌ଖୁଂଟା ହେବା ବଲି ପୂର୍ବତଟ ରେଲ୍‌ପଥ୍ ତର୍‌ଫୁ କୁହାଯାଇଛେ ।

ଇ ଅବ୍‌ସରେ ରେଲ୍‌ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ୍ କହିଛନ୍, ସମ୍ବଲ୍‌ପୁରୀ ହସ୍ତତନ୍ତ ଆଉ ରାଜକୀୟ ଐତିହ୍ୟକୁ ମୁଲ୍ କରିକରି ଖଣି ଇଲାକା ଆଉ ସମୃଦ୍ଧ ସାଂସ୍କୃତିକ୍ ପରମ୍ପରାତକ୍ ଇ ପୁନର୍ବିକଶିତ୍ ଷ୍ଟେସନ୍ ସବୁ ଓଡ଼ିଶାର୍ ବିବିଧ ଆଂଚଲିକ୍ ପରିଚୟକେ ଗୌରବାନ୍ୱିତ୍ କରୁଛେ ।

ପିଏମ୍-ହାଇଡ୍ରୋଜେନ୍ ଚାଲିତ୍ ଟ୍ରେନ     ଆର୍‌ଏନ୍‌ୟୁ/ ସମ୍ବଲପୁର

ହରିଆନାର୍ ଜିନ୍ଦ୍ ରେଲ୍ଷ୍ଟେସନ୍‌ନୁ ସୋନିପଥ୍ ଭିତ୍‌ରେ ଦେଶର୍ ପହେଲା ହାଇଡ୍ରୋଜେନ୍ ଚାଲିତ୍ ଟ୍ରେନ୍‌ର ଆଏଜ୍ ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଶୁଭାରମ୍ଭ କରିଛନ୍ । ଇ ଟ୍ରେନ୍ ରେଲ୍‌ବାଇ କ୍ଷେତ୍ରଥି ସ୍ୱଚ୍ଛ ଆଉ ସ୍ଥାୟୀ ଗତିଶୀଳତା ଦିଗେ ଗୁଟେ ଜରୁରୀ ପଦକ୍ଷେପ୍ ଆଏ । ସ୍ୱଦେଶୀ ଜ୍ଞାନ୍‌କୌଶଲ୍‌ଥି ଇ ହାଇଡ୍ରୋଜେନ୍ ଚାଲିଥ୍ ଟ୍ରେନ୍‌ର ବିକାଶ୍ କରାଯାଇଛେ । ଇ ଅବ୍‌ସରେ ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଜନସମାବେଶ୍‌କେ ଉଦ୍‌ବୋଧନ୍ ଦେଇକରି କହିଛନ୍, ଗଲା ୧୨ ବଛର୍ ଭିତ୍‌ରେ ଭାରତୀୟ ରେଲ୍‌ବାଇ କ୍ଷେତ୍ରଥି ବ୍ୟାପକ୍ ପରିବର୍ତ୍ତନ୍ କରାଯାଇଛେ । ରେଲ୍‌ବାଇର ଆଧୁନିକୀକରଣ୍, ଦେଶର୍ ଶକ୍ତି ସୁରକ୍ଷାକେ ବର୍‌କସ୍ କରିଛେ । ଏକବିଂଶ ଶତାବ୍ଦୀର୍ ରେଲ୍ ହାଇଡ୍ରୋଜେନ୍ ପ୍ରଯୁକ୍ତିବିଦ୍ୟାଥି ପରିଚାଲିତ୍ ହେବା ବଲି ଶ୍ରୀ ମୋଦୀ କହିଛନ୍ ।

(ଭଏସ୍ ଓଭର୍- ପ୍ରଧାନ୍‌ମନ୍ତ୍ରୀ)

ଆଏଜ୍ ଉଦ୍‌ଘାଟିତ୍ ହେଇଥିବା ଟ୍ରେନ୍‌ଥି ୩ ହଜାର୍ ୨ ଶହ ହର୍ଷ ପାୱାର୍‌ର ଇଞ୍ଜିନ୍ ବେଭାର୍ କରାଯାଇଛେ । ଯେନ୍‌ଟା ପୁର୍‌ଥିର୍

ସବୁଠୁ ଶକ୍ତିଶାଳୀ ଆଉ ସର୍ବାଧିକ୍ ହାଇଡ୍ରୋଜେନ୍ ଶକ୍ତି ପରିଚାଲିତ୍ ଟ୍ରେନ୍ ଆଏ । ଇ ଅବ୍ସରେ ରେଲ୍ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ୍ କହିଛନ୍, ରେଲ୍ ଇଞ୍ଜିନିୟରିଂ କ୍ଷେତ୍ରଥି ଦେଶର୍ ସାମର୍ଥ୍ୟ ବଢ଼୍ବାର୍ଥି ଲାଗିଛେ । ଇ ହାଇଡ୍ରୋଜେନ୍ ଚାଲିତ୍ ଟ୍ରେନ୍ ଖାଲି ନିରାପଦ୍ ନୁହେଁ, ଅଏତ୍କା ଗତି ଥିବାର୍ ଟ୍ରେନ୍ ଆଏ ବଲି କହିଛନ୍ ।

ସଂସଦ୍ର ମୌସୁମୀ ଅଧିବେଶନ          ଏନ୍ଏସ୍ଡି

ସଂସଦ୍ର ମୌସୁମୀ ଅଧିବେଶନ୍ ଆଘୋନୁ ଆଏବା ରଏବାର୍ ଦିନ କେନ୍ଦ୍ର ସର୍କାର୍ ସବୁ ରାଜନୈତିକ୍ ଦଲ୍ର ନେତାମାନ୍କର୍ ବୈଠକ୍ ଡାକିଛନ୍ । ବୈଠକ୍ଥି ସର୍କାର୍ ସଂସଦ୍ର ଦୁହି ଗୃହକେ ଠିକ୍ ଭାବେ ପରିଚାଲନା କର୍ବାର୍ଟାକେ ସୁନିଶ୍ଚିତ୍ କର୍ବାର୍ ଲାଗି ସବୁ ରାଜନୈତିକ୍ ଦଲର୍ ସହଯୋଗ୍ ମାଗ୍ବେ । ଇ ମାସ ୨୦ ତାରିଖ୍ନୁ ସଂସଦ୍ର ମୌସୁମୀ ଅଧିବେଶନ୍ ମୁଲ୍ ହେଇକରି ଅଗଷ୍ଟ ୧୩ ତାରିଖ୍ତକ୍ ଚାଲ୍ବା । ଇ ଅଧିବେଶନ୍ ସମିଆଥି କେତେଟା ଜରୁରୀ

ବିଧେୟକ୍ ଉପ୍‌ରେ ଆଲୋଚନା ହେବାର୍ ସହେତେ ମଞ୍ଜୁରୀ ଦିଆୟିବାର୍ ସମ୍ଭାବନା ରହିଛେ ।

କୃଷି ବୁଝାମଣାପତ୍ର ଆଇ.ଆଣ୍ଡ୍.ପି.ଆର୍

ଓଡ଼ିଶାର୍ ମହିଲା ସ୍ୱୟଂସହାୟକ ଗୋଷ୍ଠୀର୍ ସଦସ୍ୟାମାନ୍‌କର୍ ତର୍‌ଫୁ ପରିଚାଲିତ୍ କୃଷି ଉଦ୍ୟୋଗ୍‌କେ ଅଏତ୍‌କା ବର୍‌କସ୍ କର୍‌ବାର୍ ଆଉ ସେମାନ୍‌କର୍ ଜୀବିକାଥି ସ୍ଥାୟୀ ଉନ୍ନତି ଆନ୍‌ବାର୍ ଲକ୍ଷ୍ୟଥି ଆଏଜ୍ ଭୁବ୍‌ନେଶ୍ୱର୍ ନ ମିଶନ୍ ଶକ୍ତି ବିଭାଗ୍ ଆଉ ଅନ୍ତର୍ଜାତୀୟ କୃଷି ଅନୁସନ୍ଧାନ୍ ସଂସ୍ଥା- ଇକ୍ରିସାଟ୍ ଭିତ୍‌ରେ ଗୁଟେ ବୁଝାମଣାପତ୍ର ସ୍ୱାକ୍ଷରିତ୍ ହେଇଛେ । କାର୍ଯ୍ୟକ୍ରମ୍‌ଥି ମିଶନ୍ ଶକ୍ତି ବିଭାଗ୍‌ର କମିଶନର୍ ଆଉ ଶାସନ୍ ସଚିବ ମାନସୀ ନିମ୍ଭାଲ୍‌ଙ୍କର୍ ଉପସ୍ଥିତିଥି ଇ ଚୁକ୍ତି ସ୍ୱାକ୍ଷରିତ୍ ହେଇଛେ । ଇ ଅବ୍‌ସରେ ଶ୍ରୀମତୀ ନିମ୍ଭାଲ୍ କହିଛନ୍, ଇହାଦେର୍ ସମିଆର୍ ଜଲ୍‌ବାୟୁ ପରିବର୍ତନ୍‌ର ଆହ୍ୱାନ୍‌କେ ସାମ୍ନା କର୍‌ବାର୍ ଲାଗି ମହିଲା ଚାଷୀମାନ୍‌କୁ ଆଧୁନିକ୍ ଜ୍ଞାନ୍ କୌଶଲ୍ ବୈଜ୍ଞାନିକ୍ ପ୍ରଯୁକ୍ତି ଆଉ ବଜାର୍ ସହେତେ ସଂଯୋଗ୍

କର୍‌ବାର୍ ବହୁତ୍ ଜରୁରୀ ଆଏ । ଇକ୍ରିସାଟ୍ ସହେତେ ଇ ସହଭାଗିତା ରାଜ୍ୟର୍ ଲାଖ୍ ଲାଖ୍ ଏସ୍‌ଏଚ୍‌ଜି ସଦସ୍ୟମାନ୍‌କୁ ଚାଷ୍ କ୍ଷେତ୍ରୁ ଅଏତ୍‌କା ସକ୍ଷମ୍ କର୍‌ବା । ଇ ବୁଝାମଣାପତ୍ର ଅନ୍‌ସାରେ ଭିନ୍ ଭିନ୍ ଜିଲ୍ଲା ବହୁତ୍‌ଟେ କୃଷି ଆଧାରିତ୍ ପ୍ରକଳ୍ପ ହାତ୍‌କେ ନିଆୟିବା ।

ମୃତିକା ସଂରକ୍ଷଣ୍ ନୂଆପଡ଼ା ସମ୍ବାଦଦାତା

ମୃତିକା ସଂରକ୍ଷଣ୍ ଆଉ ଜଳ ବିଭାଜିକା ବିକାଶ୍ ନିର୍ଦ୍ଦେଶକ୍ ସୁବ୍ରତ୍ କୁମାର୍ ପଣ୍ଡା ଖଡ଼ିଆଲ୍ ବ୍ଲକ୍‌ର ଭିନ୍ ଭିନ୍ ପଂଚାୟତ୍ ବୁଲିକରି ମୃତିକା ସଂରକ୍ଷଣ୍, ଜଲ୍ ସଂରକ୍ଷଣ୍, ଚାଷୀ ଆଉ ବିଭାଜିକା ଭିତିକ୍ ଭିନ୍ ଭିନ୍ ଉନ୍ନୟନ୍‌ମୂଲକ୍ କାମ୍‌ର ସମୀକ୍ଷା କରିଛନ୍ । ତାଙ୍କର୍ ଇ ଗସ୍ତ ଅବ୍‌ସରେ ସେ ପହେଲା ଡାବ୍‌ରି ପଂଚାୟତ୍‌ର ଭଇରାଜ୍‌ପୁର୍ ଗାଁକେ ଯାଇକରି ପ୍ରଧାନ୍‌ମନ୍ତ୍ରୀ କୃଷି ସିଂଚାଇ ଯୋଜ୍‌ନା ଅଧୀନ୍‌ଥି ବତକ୍ ପାଲନ୍ ଲାଗି ସାହାଜ୍ ପାଇଥିବା ସ୍ୱୟଂ ସହାୟକ ଗୋଷ୍ଠୀର୍ ସଦସ୍ୟମାନ୍‌କର୍ ସାଙ୍ଗେ ଆଲୋଚନା କରିଥିଲେ । ଇ ଅବ୍‌ସରେ ସେ ସ୍ଥାନୀୟ

ଚାଷୀମାନ୍‌କୁ ଭେଟିକରି ଗୋଷ୍ଠୀ ସଦସ୍ୟମାନ୍‌କର୍ ସାଙ୍ଗେ ମିଶିକରି ଆମ୍ ଆଉ ନଡ଼ିଆ ଗଛ୍ ଜଗାବାର୍ ସହେତେ ପରିବେଶ୍ ସୁରକ୍ଷା ଆଉ ଫଲ୍‌ଚାଷ୍‌କେ ତହଁକାବାର୍ ଲାଗି ପରାମର୍ଶ ଦେଇଥିଲେ ।

ଯୁକ୍ତ ଦୁଇ ନାଁଲେଖା ଆର୍‌ଏନ୍‌ୟୁ/ ସମ୍ବଲପୁର

ଚଲ୍‌ତି ଶିକ୍ଷା ବଛର୍ ଲାଗି ରାଜ୍ୟର୍ ଉଚ୍ଚମାଧ୍ୟମିକ୍ ବିଦ୍ୟାଳୟ ମାନ୍‌କେ ପହେଲା ଖେପେ୍ ନାଁଲେଖା ଶେଷ୍ ହେଇଛେ । ଇ ଖେପେ ୩ ଲାଖ୍ ୮୨ ହଜାର୍ ୮ ଶହ ୩୫ ଝନ୍ ନାଁ ଲେଖେଇଛନ୍ । ଆଏବା ୨୩ ତାରିଖ୍ ନାଁଲେଖା ଲାଗି ୨ ନମ୍ବର୍ ଖେପ୍ ମେଧା ତାଲିକା ବାହାର୍‌ବା ।

ବୌଦ୍ଧ ଜିଲ୍ଲାର୍ ପାତାଳି ଶ୍ରୀକ୍ଷେତ୍ର-ରଥଯାତ୍ରା ବୌଦ୍ଧ

ବୌଦ୍ଧ ଜିଲ୍ଲାର୍ ପାତାଳି ଶ୍ରୀକ୍ଷେତ୍ର ନାଏକ୍‌ପଡ଼ା ଗୁମ୍ଫା ନ ତୃତୀୟା ତିଥି ଅବ୍‌ସରେ ଶ୍ରୀ ଜଗନ୍ନାଥଙ୍କର୍ ବାସି ରଥଯାତ୍ରା

ହେଇଯାଇଛେ । ଇତାର୍‌ସହେତେ ବହୁତ୍‌ଟେ ଗାଁ ନ ଭିଲ୍ ଆଏଜ୍ ବାସି ରଥଯାତ୍ରା ହେଇଯାଇଛେ । ବୌଦ୍ଧ ଜିଲ୍ଲା ନ ରାଜାରାଜୁଡ଼ା ଅମଲ୍‌ନୁ କେତେଟା ଜାଗା ନ ତୃତୀୟା ତିଥି ଅବ୍‌ସରେ ରଥଯାତ୍ରା କରାଯାଏସି । ଯେନ୍‌ଟା ବାସି ରଥ୍‌ଯାତ୍ରା ଭାବେ ପ୍ରସିଦ୍ଧ ଲାଭ କରିଛେ । ବୌଦ୍ଧ ସହରର୍ ଭିନ୍ ଭିନ୍ ଜାଗା ନ ସଖାଲୁ ତିନ୍‌ହି ମାହାପୁରୁଙ୍କର୍ ନୀତିକାନ୍ତି ସର୍‌ବାର୍ ଉତ୍‌ରୁ ମଏଧାନର୍ ୨ ବଜେ ପହଣ୍ଡି ମୁଲ୍ ହେଇଥିଲା । ଆଉ ବେଲ୍‌ବୁଡ଼ାର୍ ୬ ବଜେ ରଥଘିଚା ହେଇଛେ ।

ନ୍ୟାୟ ଦିବସ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ସମ୍‌କର୍ ପାଖ୍‌କେ ନ୍ୟାୟର୍ ସୁଫଲ୍ ପୁହୁଁଚାବାର୍ ଲକ୍ଷ୍ୟ ନେଇକରି ଆଏଜ୍ ପାଲନ୍ କରାଯାଉଛେ ଅନ୍ତର୍ଜାତୀୟ ନ୍ୟାୟ ଦିବସ୍ । ନ୍ୟାୟ ପ୍ରଦାନ୍ ସୁନିଶ୍ଚିତ୍ କର୍‌ବାର୍‌ଟା ଯେତ୍‌କି ଜରୁରୀ, ତଲ୍ ସ୍ତର୍‌କେ ଇଟାକେ ପୁହୁଁଚାବାର୍‌ଟା ସେତ୍‌କି ପ୍ରାସଙ୍ଗିକ୍ ଭିଲ୍ ଆଏ । ଇତାକେ ନଜର୍‌ଥି ରଖିକରି ଫି ବଛର୍ ଜୁଲାଇ ୧୭ ତାରିଖ୍ ଅନ୍ତର୍ଜାତୀୟ ନ୍ୟାୟ ଦିବସ ପାଲନ କରାଯାଏସି ।

ସୂଚ୍‌ନା ଅନ୍‌ସାରେ, ୨୦୦୨ ମସିହା ଜୁଲାଇ ୧ ତାରିଖ୍ ଦିନ ନେଦରଲାଣ୍ଡର ହେଗ୍ସ ସହର ନ ଅନ୍ତର୍ଜାତୀୟ ଅପରାଧ୍ ନ୍ୟାୟାଳୟର୍ କାମ୍ ମୁଳ୍ ହେଇଥିଲା । ଇହାଦେ ଶହେ ୨୫ଟା ଦେଶ୍ ଇ ସଂସ୍ଥାନ୍‌ର ସଦସ୍ୟ ଅଛନ୍ । ଅନ୍ତର୍ଜାତୀୟ ନ୍ୟାୟାଳୟର୍ ୧୫ ଝନ୍ ବିଚାରପତି ଅଛନ୍ । ଯୁଦ୍ଧ ପ୍ରଭାବିତ୍ ମାନବିକତା ବିରୋଧିଥି ହଉଥିବା ଅପରାଧ୍ ବାଗିର୍ ଭିନ୍ ଭିନ୍ କ୍ଷେତ୍ରଥି ନ୍ୟାୟ ଦେବାର୍ ଉପ୍‌ରେ ଇ ଦିବସ୍ ଗୁରୁତ୍ୱାରୋପ୍ କର୍‌ସି । ଇ ବଛର୍ ଇ ଦିବସର୍ ବିଷୟବସ୍ତୁ ରହିଛେ- ସାରା ପୁର୍ଥି ନ ନ୍ୟାୟ, ଉତର୍‌ଦାୟିତ୍ୱ ଆଉ ମାନବାଧିକାର୍‌ର ପ୍ରସାର୍ ।

ଜିଲ୍ଲାପାଲ୍- ବଏଢ଼୍ ଥିତି ସମୀକ୍ଷା          ସମ୍ବଲପୁର ସମ୍ବାଦଦାତା

ସମ୍ବଲ୍‌ପୁର୍ ମହାନଗର୍ ନିଗମ୍ ଇଲାକା ନ ବଏଢ଼୍ ଆଉ ଜଲ୍‌ବନ୍ଦୀ ସମସ୍ୟାର୍ ମୁକାବିଲା ଲାଗି ଆଏଜ୍ ଜିଲ୍ଲାପାଲ୍‌ଙ୍କର୍ କାର୍ଯ୍ୟାଳୟ ନ ଆନ୍ତଃବିଭାଗୀୟ ସମନ୍ୱୟର୍ ଗୁଟେ ଜରୁରୀ ବୈଠକ୍ ହେଇଯାଇଛେ । ସମ୍ବଲ୍‌ପୁର୍ ଜିଲ୍ଲାପାଲ୍ ସିଦ୍ଧେଶ୍ୱର୍

ବଳିରାମ୍ ବୋନ୍ଦର୍‌ଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ବୈଠକ୍‌ଥି ମହାନଗର୍ ନିଗମ୍ ଆୟୁକ୍ତ ରେହାନ୍ ଖତ୍ରୀ ଅତିରିକ୍ତ ଜିଲ୍ଲାପାଳ୍ ଆଉ ମହାନଗର୍ ନିଗମ୍‌ର ଅଧିକାରୀ ମାନ୍‌କର୍ ସହେତେ ଜଲ୍‌ସେଚନ୍, ପୂର୍ତ ଆଉ ଟାଉନ୍ ପ୍ଲାନିଂ ବିଭାଗ୍‌ର ଅଧିକାରୀମାନେ ଉପସ୍ଥିତ୍ ଥିଲେ । ବୈଠକ୍‌ଥି ସହର୍ ଇଲାକା ନ ଜଲ୍‌ବନ୍ଦୀ ସମସ୍ୟାର୍ ତୁର୍‌ତି ଆଉ ସ୍ଥାୟୀ ସମାଧାନ୍ ଫି' ୱାର୍ଡ୍‌ର ସ୍ଥିତିର୍ ବିଶ୍ଳେଷଣ୍ ସମନ୍ୱିତ୍ ପଦକ୍ଷେପ୍ ଆଉ ମାଷ୍ଟର୍ ପ୍ଲାନ୍‌ଥି ଦର୍‌କାରୀ ବ୍ୟବସ୍ଥା ବାବ୍‌ଦେ ବିସ୍ତୃତ୍ ଆଲୋଚନା କରିଥିଲେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ଉତର୍ ପଶ୍ଚିମ ବଙ୍ଗୋପ୍‌ସାଗର୍ ଆଉ ତାକେ ଲାଗିକରି ଥିବା ଉତର୍ ଓଡ଼ିଶା ଆଉ ପଶ୍ଚିମବଙ୍ଗ ସମୁଦ୍ରଖଁଡ଼ି ନ ସକ୍ରିୟ ଥିବା ଲଘୁଚାପ୍‌ର ପ୍ରଭାବ୍‌ଥି ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ବର୍ଷା ଲାଗି ରହିଛେ । ଆଏବା ୨୪ ଘଂଟା ଭିତ୍‌ରେ ବର୍‌ଗଡ୍, ସୁବର୍ଣ୍ଣପୁର୍, ବୌଦ୍ଧ ଆଉ ବଲାଙ୍ଗିର୍ ଜିଲ୍ଲାର୍ ଗୁଟେ ଜୁଡ଼େ ଜାଗା ନ ଅତି ଜବର୍

ବର୍ଷା ହେବା ବଲି ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍ଫୁ ସତର୍କ ସୂଚ୍ନା ଜାରି କରାଯାଇଛେ । ସେଆଡ଼େ ସମ୍ବଲ୍ପୁର୍, ଝାର୍ସୁଗୁଡ଼ା, ସୁନ୍ଦର୍ଗଡ୍, ଦେବ୍ଗଡ୍, ନୂଆପଡ଼ା, କଲାହାଣ୍ଡି, କନ୍ଧମାଲ୍, ନବରଙ୍ଗ୍ପୁର୍, ଅନୁଗୁଲ୍, କେନ୍ଦୁଝର, ମୟୁର୍ଭଞ୍ଜ୍, ଜିଲ୍ଲା ନ ଜବର୍ ବର୍ଷା ହେବାର୍ ସମ୍ଭାବନା ରହିଛେ ।

ଆଏବା କାଏଲ୍ତକ୍ ହୀରାକୁଦ୍ ଜଲ୍ଭଣ୍ଡାର୍ ନ ଜଲ୍ସ୍ତର୍ ବଢ଼ିପାରେ ବଲି ଜଲ୍ସମ୍ପଦ୍ ବିଭାଗ୍ର ସର୍ବୋଚ୍ଚ ଯନ୍ତ୍ରୀ ଦିଲ୍ଲୀପ୍ ରାଉତ୍ କହିଛନ୍ । ବେଲ୍ବୁଡ଼ର୍ ୬ ବଜେତକ୍ ହୀରାକୁଦ୍ ଜଲ୍ଭଣ୍ଡାର୍ର ଜଲ୍ସ୍ତର୍ ୬ ଶହ ୯ ଦଶ୍ମିକ୍ ୭/୫ ଫୁଟ୍ ରହିଛେ । ଇ ସମିଆଥି ଜଲ୍ଭଣ୍ଡାର୍କେ ଫି' ସେକେଣ୍ଡ୍ଥି ୩୨ ହଜାର୍ ୬ ଶହ ୨୨ ଘନଫୁଟ୍ ପାଏନ୍ ଆସୁଛେ ।